# Akashvani, Sambalpur

## SAMBALPURI NEWS EVENING BULLETIN

**29 August 2025- 7.02 pm- 7.12 pm.**

********************************************

୧- ଦେଶ୍‌କେ ଆଗ୍‌କେ ନେବାର୍‌କେ ହେଲେ ସବୁ ବର୍ଗର୍ ଲୁକ୍‌କୁ ଏକାସାଙ୍ଗେ କରିକରି ଚାଲ୍‌ବାର୍ ଆବଶ୍ୟକତା ରହିଛେ- କହେଲେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ।

- ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ୨ ଦିନିଆ ସଂସଦ୍ ଆଉ ରାଜ୍ୟ ବିଧାନ୍‌ସଭାର୍ ଅନୂସୂଚିତ ଜାତି ଆଉ ଜନଜାତି କଲ୍ୟାଣ୍ ସମ୍ମିଳନୀ ଉଦ୍‌ଘାଟିତ୍ ।

୨- ଜାତୀୟ କ୍ରୀଡ଼ାଦିବସ୍ ଅବ୍‌ସରେ ଆଏଜ୍ ଦିଆଯାଇଛେ ବିଜୁ ପଟ୍ଟନାୟକ୍ କ୍ରୀଡ଼ା ଆଉ ସାହସିକତା ପୁରସ୍କାର୍ ।

ଆଉର୍

୩- ଆଏବା ୩୧ ତାରିଖ୍ ଘୋଷ୍‌ନା ହେବା ନୂଆଁ ମ୍ୟୁନିସିପାଲ୍‌ଟି ଆଉ ଏନ୍‌ଏସି କହେଲେ ଗୃହ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ।

ଜାତୀୟ ସମ୍ମିଳନୀ          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଦେଶେ ସମାବେଶୀ ବ୍ୟବସ୍ଥା ଥାପ୍ନା କର୍ବାର୍ ଲାଗି ଲୋକସେବା ବାଚସ୍ପତି ଆହ୍ୱାନ୍ ଦେଇଛନ୍ । ଆଏଜ୍ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ସଂସଦ୍ ଆଉ ରାଜ୍ୟ ବିଧାନ୍ସଭାର୍ ଅନୁସୂଚିତ ଜାତି ଆଉ ଜନଜାତି କଲ୍ୟାଣ୍ ଜାତୀୟ ସମ୍ମିଲନୀକେ ଶ୍ରୀ ବିର୍ଲା ଉଦ୍ଘାଟନ୍ କରିକରି କହିଛନ୍, ବାବା ସାହେବ ଆମ୍ବେଦ୍କର୍ଙ୍କର୍ ବିଚାର୍କେ ନେଇକରି ସମ୍ବିଧାନ୍ର ମୁଲ୍ ସିଦ୍ଧାନ୍ତ ତିଆର୍ କରାଯାଇଛେ । ଇ ସିଦ୍ଧାନ୍ତକେ ନେଇକରି ଦେଶ୍ ଆଗ୍କେ ବଢୁଛେ । ଇତାର୍ ଅନ୍ସାରେ ଅନୁସୂଚିତ ଜାତି ଜନଜାତି ଆଉ ଭିନ୍ ଭିନ୍ ପଛୁଆ ବର୍ଗ ମାନ୍କୁ ସାମାଜିକ୍ ଆଉ ଆର୍ଥିକ୍ କ୍ଷେତ୍ରଥି ନ୍ୟାୟ ଦେବାର୍ ଲାଗି ପଦକ୍ଷେପ୍ ନିଆଯାଉଛେ । ଇ କମିଟିର୍ ଆଲୋଚନା ଆଉ ଅନୁଶୀଲନ୍ନୁ ଯେନ୍ସବୁ ନୂଆଁ ଚିନ୍ତାଧାରା ବାହାର୍ବା ତାକେ ନେଇକରି ଇ ବର୍ଗର୍ ଲୋକ୍ମାନ୍କର୍ ଲାଗି ଗୁଟେ ସମତାଭିତିକ ଆଉ ନ୍ୟାୟପୂର୍ଣ୍ଣ ସମାଜ୍ ଗଠନ କରାଯାଇପାର୍ବା ବଲି ଶ୍ରୀ ବିର୍ଲା କହିଛନ୍ ।

(ଭଏସ୍ ଓଭର୍- ଓମ୍ ବିର୍ଲା)

ଇ ଅବ୍ସରେ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ କନ୍ଭେନ୍ସନ୍ ହଲ୍ ଠାନେ ହେଇଥିବା ପ୍ରଦର୍ଶନୀକେ ଶ୍ରୀ ବିର୍ଲା ଉଦ୍ଘାଟନ୍ କରିଛନ୍ ।

ସମ୍ମିଲନୀଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍, ଇ ସମ୍ମିଲନୀର ମତାମତକେ ନେଇକରି ନୂଆ ନୂଆ ନୀତି ଆଉ କାର୍ଯ୍ୟକ୍ରମ୍ ତିଆର୍ କରାଯିବା ।

ଇ ବର୍ଗର୍ ଲୁକ୍‌କୁ ମୁଖ୍ୟସ୍ରୋତଥି ସାମିଲ୍ କରିକରି ସମୃଦ୍ଧ ଓଡ଼ିଶା ଆଉ ବିକଶିତ୍ ଭାରତ୍ ଗଠନ୍ କରି ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ରାଜ୍ୟ ସର୍‌କାର୍ ଅନୁସୂଚିତ ଜାତି ଆଉ ଜନଜାତି ବିଭାଗ୍ ବଜେଟ୍ ୬୮ ହଜାର୍ ୮ ଶହ ୮୧ କୋଟି ଟଙ୍କାକେ ବଢ଼େଇଛନ୍ । ୧୪ ଟା ଜିଲ୍ଲାର୍ ୩ ଲାଖ୍ ଅତି ଦୁର୍ଲଭ ଜନଜାତି ସମୂହଙ୍କୁ ପିଏମ୍ ଜନ୍‌ମନ୍ ଯୋଜ୍‌ନାଥି ସାମିଲ୍ କରାଯାଇଛେ । ଇତାର୍‌ସହେତେ ସେମାନ୍‌କର୍ ଲାଗି ସର୍‌କାର୍ ୧୫ ଟା ଏକଲବ୍ୟ ଆଦର୍ଶ ବିଦ୍ୟାଲୟ ଥାପ୍‌ନା କରିଛନ୍ । ଆଏବା ଦିନେ ଆଦିବାସୀ ମାନ୍‌କର୍ ଲାଗି ଜଙ୍ଗଲ୍‌ଜାତ ଦରବ୍‌ର ପ୍ରକ୍ରିୟାକରଣ୍ ୟୁନିଟ୍ ଥାପ୍‌ନା କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍...

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ସମ୍ମିଲନୀଥି ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ୍ ସିଂ, ଆଦିବାସୀ ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ଓଡ଼ିଶା ବିଧାନ୍‌ସଭାର୍ ବାଚସ୍ପତି ସୁରମା ପାଢ଼ୀ, ଅନୁସୂଚିତ ଜାତି ଆଉ ଜନଜାତି କଲ୍ୟାଣ୍ ସଂସଦୀୟ ସମିତିର୍ ଅଧ୍ୟକ୍ଷ ଡକ୍ଟର୍ ଫଗନ୍ ସିଂ କୁଲସ୍ତେଙ୍କର୍ ସହେତେ ଶହେ ୨୦ ନୁ ଅଏତ୍‌କା ପ୍ରତିନିଧି ଯୋଗ୍ ଦେଇଛନ୍ । ୨ ଦିନିଆ ସମ୍ମିଲନୀଥି ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ବିଧାନ୍‌ସଭାର୍ ଅନୁସୂଚିତ ଜାତି ଆଉ

ଜନଜାତି ଅଧକ୍ଷ ମାନେ ଯୋଗ୍ ଦେଇଛନ୍ । ଆଏବା କାଏଲ୍ ଉଦ୍ଯାପନୀ ସମାରୋହଥି ରାଜ୍ୟପାଲ୍ ହରିବାବୁ କମ୍ଭମ୍ପାଟି ଯୋଗ୍ ଦେବେ ।

ଜାତୀୟ କ୍ରୀଡ଼ା ଦିବସ୍ ଆର୍ଏନ୍ୟୁ
ସମ୍ବଲପୁର୍/ ଦେବ୍ଗଡ଼୍/ କଲାହାଣ୍ଡି/ ବୌଦ୍ଧ

କିମ୍ବଦନ୍ତୀ ହକି ଖେଲାଲି ମେଜର୍ ଧ୍ୟାନ୍ଚାନ୍ଦ୍ଙ୍କର୍ ଜନମ ବାର୍ଷିକୀକେ ସୁର୍ତା କର୍ବାର୍ ଲାଗି ଫି’ ବଛର୍ ଆଝିର୍ ଦିନ୍କେ ଜାତୀୟ କ୍ରୀଡ଼ାଦିବସ୍ ଭାବେ ପାଲନ୍ କରାଯାଉଛେ ।

ଜାତୀୟ କ୍ରୀଡ଼ା ଦିବସ୍ ଅବ୍ସରେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ର ଆୟୋଜନ୍ କରାଯାଇଛେ । ଓଡ଼ିଶା କ୍ରୀଡ଼ା ଆଉ ଯୁବ ସେବା ବିଭାଗ୍ ତର୍ଫୁ ଆଏଜ୍ ଭୁବ୍ନେଶ୍ୱର୍ ଜୟଦେବ୍ ଭବନ୍ ଠାନେ ବିଜୁ ପଟ୍ଟନାୟକ୍ କ୍ରୀଡ଼ା ପୁରସ୍କାର୍ ଆଉ ବିଜୁ ପଟ୍ଟନାୟକ୍ ସାହସିକତା ପୁରସ୍କାର୍ ଦିଆଯାଇଛେ । କାର୍ଯ୍ୟକ୍ରମ୍ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଛନ୍ । କଟକ୍ର ଜୀବନ୍ କୁମାର୍ ବେହେରା ଆଉ ନୟାଗଡ଼୍ର ଚିତରଞ୍ଜନ୍ ପ୍ରଧାନ୍ଙ୍କୁ ଇ ଅବ୍ସରେ ବିଜୁ ପଟ୍ଟନାୟକ୍ ସାହସିକତା ସମ୍ମାନ୍ ଦିଆଯାଇଛେ । ରାଏଜେ କ୍ରୀଡ଼ାର୍ ବିକାଶ୍ ଲାଗି ରାଜ୍ୟ

ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଶ୍ରେଷ୍ଠ କ୍ରୀଡ଼ା ସାମ୍ବାଦିକ ଭାବେ ବିମଳ କୁମାର୍ ରାହୁଳ, ଶ୍ରେଷ୍ଠ ବୈଷୟିକ କ୍ରୀଡ଼ା ଅଧିକାରୀ ଭାବେ ସୁଜିତ୍ କୁମାର୍ ଶତ୍‌ପଥୀ କ୍ରୀଡ଼ା ପୁରସ୍କାର୍ ପାଇଛନ୍ । ସେନ୍ତା ଧାବକ ଅନିମେଷ କୁଜୁର୍ ଶ୍ରେଷ୍ଠ କ୍ରୀଡ଼ାବିତ୍, ଚେସ୍ ଖେଲାଲି ସାତ୍ୱିକ୍ ସ୍ୱାଇଁ ଶ୍ରେଷ୍ଠ ଉଦୀୟମାନ୍ ଖେଲାଲୀ ଆର୍ ବେଡ଼ମିଂଟନ୍ ଖେଲାଲି ରାଖାଲ୍ କୁମାର୍ ସେଠୀଙ୍କୁ ଶ୍ରେଷ୍ଠ ପାରା ଖେଲାଲି ସମ୍ମାନ୍ ଦିଆଯାଇଛେ । କାର୍ଯ୍ୟକ୍ରମ୍‌ଥି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଉପସ୍ଥିତ୍ ଥିଲେ ।

ଜାତୀୟ କ୍ରୀଡ଼ା ଦିବସ୍ ଆର୍‌ଏନ୍‌ୟୁ

ସମ୍ବଲପୁର୍/ ଦେବ୍‌ଗଡ଼୍/ କଲାହାଣ୍ଡି/ ବୌଦ୍ଧ

ଦେବ୍‌ଗଡ଼୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜାତୀୟ କ୍ରୀଡ଼ା ଦିବସ୍ ଅବ୍‌ସରେ ଉପଜିଲ୍ଲାପାଲ୍ କାର୍ଯ୍ୟାଳୟ ପରିସର୍‌ନୁ ଛାତ୍ରଛାତ୍ରୀମାନ୍‌କୁ ନେଇକରି ଗୁଟେ ପଦଯାତ୍ରା କରାଯାଇଥିଲା । ଇ ପଦଯାତ୍ରାକେ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଶୁଭାରମ୍ଭ କରିଥିଲେ । ସହର୍ ପରିକ୍ରମା କଲା ଉତ୍‌ରୁ ପଦଯାତ୍ରା ଇନ୍‌ଡୋର୍ ଷ୍ଟାଡ଼ିୟମ୍ ନ ପୁହୁଁଚିଥିଲା । ତାର୍ ଉତ୍‌ରୁ ସେଠାନେ ଗୁଟେ

ସାଧାରଣ୍ ସଭା କରାଯାଇଥିଲା । କାର୍ଯ୍ୟକ୍ରମ୍‌ରେ ଗୁଟେ ସମୂହ ଶପଥ୍ ପାଠ୍ ଭିଲ୍ କରାଯାଇଥିଲା ।

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ବିଜୁ ପଟ୍ଟନାୟକ୍ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଠାନେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ଖେଲୋ ଇଣ୍ଡିଆ ତର୍‌ଫୁ ରାଜ୍ୟ ସର୍‌କାର୍ ଆଉ ଜିଲ୍ଲା ପ୍ରଶାସନ୍‌ର ସହଯୋଗ୍‌ରେ ଜାତୀୟ କ୍ରୀଡ଼ା ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ରେ ଜିଲ୍ଲାପାଲ୍ ତନ୍ମୟ କୁମାର୍ ଦର୍‌ୱାନ୍ ଯୋଗ୍‌ଦେଇଥିଲେ ।

ବୌଦ୍ଧ ଜିଲ୍ଲା ଷ୍ଟାଡ଼ିୟମ୍ ନ ଥିବା ସନ୍ତରଣାଗାର ଠାନେ ଆଏଜ୍ ଜାତୀୟ କ୍ରୀଡ଼ା ଦିବସ୍ -୨୦୨୫ ପାଲନ୍ କରାଯାଇଛେ । ଅତିଥି ଭାବେ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାଏକ୍ ଯୋଗ୍ ଦେଇକରି ପଦ୍ମଭୂଷଣ୍ ମେଜର୍ ଧ୍ୟାନ୍‌ଚାନ୍ଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଇ ଅବ୍‌ସରେ ଜିଲ୍ଲା ସନ୍ତରଣାଗାର୍ ନ ହେଇଥିବା ସନ୍ତରଣ୍ ପ୍ରତିଯୋଗିତାର୍ କୃତି ପ୍ରତିଯୋଗୀମାନ୍‌କୁ ପୁରସ୍କୃତ କରାଯାଇଥିଲା ।

ପୁଲିସ୍ ମହାନିର୍ଦ୍ଦେଶକ୍-ସମ୍ବର୍ଦ୍ଧନା          କଟକ୍ ସମ୍ବାଦଦାତା

ଜାତୀୟ କ୍ରୀଡ଼ା ଦିବସ୍ ଆଉ କିମ୍ବଦନ୍ତୀ ହକି ଖେଲାଳି ମେଜର୍ ଧ୍ୟାନ୍‌ଚାନ୍ଦ୍‌ଙ୍କର୍ ଜନମ୍‌ଦିନ୍ ଅବ୍‌ସରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ୍ ବାହାଦୁର୍ ଖୁରାନିଆ ଓଡ଼ିଶା

ପୁଲିସ୍‌ର ୪୧ ଝନ୍ ଶ୍ରେଷ୍ଠ ଖେଲାଲିଙ୍କୁ ସମ୍ବର୍ଦ୍ଧିତ୍ କରିଛନ୍ । କଟକ୍ ଠାନେ ଗୁଟେ ଖାସ୍ ସମାରୋହଥି ଶ୍ରୀ ଖୁରାନିଆ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଖେଲାଲିମାନ୍‌କୁ ସମ୍ବର୍ଦ୍ଧିତ୍ କର୍‌ବାର୍ ସହେତେ ଗଲାଦିନେ ସାରା ଦେଶେ ଓଡ଼ିଶା ପୁଲିସ୍‌ର ନାଁକେ ବଢ଼େଇଥିବାର୍‌ନୁ ଖୁସି ଜାହିର୍ କରିଥିଲେ ।

କ୍ରୀଡ଼ା ଦିବସ ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ମିନି ଷ୍ଟାଡ଼ିୟମ୍ ସୁଇମିଂପୁଲ୍ ଠାନେ ଜାତୀୟ କ୍ରୀଡ଼ା ଦିବସ୍ ଆଏଜ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ଏଞ୍ଜଲିନା ପ୍ରଧାନ୍ ଯୋଗ୍ ଦେଇଥିଲେ । ଉପର୍‌ବେଲା ଗୁଟେ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ୍ ମେଚ୍ ହେଇଥିବାର୍ ବେଲେ ୩୧ ତାରିଖ୍ ସାଇକଲ୍ ରେଲି ସହେତେ ଭିନ୍ ଭିନ୍ ପ୍ରକାରର୍ ଖେଲ୍ ପ୍ରତିଯୋଗିତା ହେବା ବଲି ଜିଲ୍ଲା କ୍ରୀଡ଼ା ଅଧିକାରୀ ସୂଚନା ଦେଇଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୫ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ନୂଆଁ ମ୍ୟୁନିସିପାଲ୍‌ଟି - ଏନ୍‌ଏସି ଘୋଷ୍‌ନା ହି.ସ.

ଆଏବା ୩୧ ତାରିଖ୍ ଦିନ ନୂଆଁ ମ୍ୟୁନିସିପାଲ୍‌ଟି ଆଉ ଏନ୍‌ଏସି ଘୋଷ୍‌ନା କରାଯିବା ବଲି ଗୃହ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ । ଇତାର୍‌ସହେତେ

ସର୍କାର୍ ରାଏଜେ ସହରୀକରଣ୍କେ ୧୭ ପ୍ରତିଶତ୍ନୁ ୪୦ ପ୍ରତିଶତ୍କେ ବଢ଼ାବେ ବଲି ମନ୍ତ୍ରୀ କହିଛନ୍ । ରାଏଜେ ମୁଖିଆ ସହର୍ମାନ୍କୁ ଏନ୍ଏସିଥି ସାମିଲ୍ କରାଯିବା । ଇଥିର୍ଲାଗି ମାଷ୍ଟର୍ ପ୍ଲାନ୍ ତିଆର୍ କରାଯାଉଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ I&PR

ଭୁବ୍ନେଶ୍ୱର୍ ଠାନେ ଆଏବା ସୋମ୍ବାର୍ ଦିନ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଅଲ୍ଗା ଜରୁରୀ କାମ୍ ଥିବାର୍ନୁ ମୁଖ୍ୟମନ୍ତ୍ରୀଙ୍କର୍ ଜନଶୁଣାଣିକେ ବନ୍ଦ୍ ରଖାଯାଇଛେ । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତରଫୁ ସୂଚ୍ନା ଦିଆଯାଇଛେ ।

ପାର୍ବଣ ଚାନ୍ଦା କାର୍ଯ୍ୟାନୁଷ୍ଠାନ୍ ଆର୍ଏନ୍ୟୁ/ କଟକ୍

ପାର୍ବଣ ସମିଆଥି ଚାନ୍ଦା ମାଗୁଥିବା ଲୋକ୍ମାନ୍କର୍ ଉପ୍ରେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ପୁଲିସ୍ ମହାନିର୍ଦ୍ଦେଶକ୍

ଯୋଗେଶ ବାହାଦୂର୍ ଖୁରାନିଆ କହିଛନ୍ । ଇ ବାବ୍‌ଦେ ସବୁ ଜିଲ୍ଲାର୍ ଏସ୍.ପି. ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଇତାର୍‌ସହେତେ ଅସାମାଜିକ୍ କାର୍ଯ୍ୟକଲାପ୍‌କେ ରୁକ୍‌ବାର୍ ଲାଗି ସିସିଟିଭି କେମ୍‌ରା ଆଉ ଡ୍ରୋନ୍‌ର ବେଭାର୍ କରାଯିବା । ସନ୍ଦିଗ୍ଧ ମାନ୍‌କର୍ ଉପ୍‌ରେ କଡ଼ା ନଜର୍ ରଖାଯିବା ବଲି ପୁଲିସ୍ ମହାନିର୍ଦ୍ଦେଶକ ସୂଚ୍‌ନା ଦେଇଛନ୍ ।

ନୂଆଖାଇ ବାସି ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ଗାଁ ନୁ ସହର୍‌ତକ୍ ଆଏଜ୍ ନୂଆଖାଇ ବାସି ତିହାର୍ ପାଲନ୍ କରାଯାଉଛେ । ଇ ତିହାର୍ ପାଲନ୍ କର୍‌ବାର୍ ଲାଗି ପରିବାର୍‌ର ସଦସ୍ୟମାନେ ଏକ୍‌ଜୁଟ୍ ହେଇକରି ରକମ୍ ରକମ୍‌ର ଖାଏବାର୍ ଦରବ୍ ତିଆର୍ କରିକରି ବାଂଟିଛନ୍ ।

ଗୋଟିପୁଅ ନୃତ୍ୟ ମହୋତ୍ସବ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ଗୁରୁ କେଲୁଚରଣ୍ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଆଉ ଓଡ଼ିଶା ସଂଗୀତ୍ ନାଟକ୍ ଏକାଡେମୀ ଆଉ ଲୋକକଳା

ସଂଘ ମିଳିତ୍ ସହଯୋଗ୍‌ଥି ଆଏବା କାଏଲ୍‌ନୁ ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ୍ ମୁଲ୍ ହେବା । ୩ ଦିନିଆ ମହୋତ୍ସବ୍‌ଥି ୨୦ ଟା ଦଲ୍ ଭାଗ୍ ନେବେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ଉତର୍ ଓଡ଼ିଶା ଉପକୂଲ ନ ଗୁଟେ ଘୂର୍ଣ୍ଣିବଳୟ ହେବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ଆଏବା ସୋମ୍‌ବାର୍‌ଠାନୁ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ହେବାର୍ ସମ୍ଭାବନା ରହିଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ଚଡ଼କ୍ ମାର୍‌ବାର୍ ସହେତେ ଜବର୍ ବର୍ଷାକେ ନେଇକରି ରାଜ୍ୟର୍ ୨୦ଟା ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।